## ବନ୍ଧୁକ ଜବତ, ଜଣେ ଗିରଫ

ବଇଣ୍ଡା,୯।୧ (ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ପୋଲିସ ସୋମବାର କୃଷ୍ଣପୁର ଗ୍ରାମରେ ଚଢ଼ାଉ କରି ବିଜୟ ଦେହୁରୀଙ୍କ ଘରୁ ୨ଟି ଦେଶୀ ବନ୍ଧୁକ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ସେ ଏହି ବେଆଇନ ବନ୍ଧୁକରେ ଜନ୍ତୁ ଶିକାର କରୁଥିଲେ। ହଣ୍ଡପା ଆଇଆଇସି ନମିତା ନାୟକ ଚଢ଼ାଉ କରି ବନ୍ଧୁକ ଜବତ କରିଥିଲେ। ନମ୍ବର ୧୯/୨୪ରେ ମାମଲା ରୁଜୁ କରାଯାଇଛି।

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ତାଳଚେର,୯।୧ (ମନୋଜ ନନ୍ଦ)

ତାଳଚେର ପୌରାଞ୍ଚଳ ୧୨ନଂ ୱାର୍ଡ ରେମୁଆଁ ଅଞ୍ଚଳର ପରିପାର୍ଶ୍ୱିକ ଉନ୍ନତି ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ଏକ ୭ ଦଫା ଦାବିପତ୍ର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଲିଙ୍ଗରାଜ କୋଇଲା ଖଣିର ଅତି ନିକଟରେ ରେମୁଆଁ ଗ୍ରାମ ଥିବାରୁ ଏହା ପ୍ରଦୂଷିତ ହେଉଛି। ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର ପାଇଁ ଶେଡ୍, ପାଚେରି ନିର୍ମାଣ, ପ୍ରତ୍ୟେକ ମାସରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ଜଳର ଅଭାବ ଦୂରୀକରଣ ପାଇଁ ନୂତନ ପୋଖରୀ ଓ ନଳକୂପ ଖନନ, ପିଲାଙ୍କ ପାଠ ପାଇଁ ଚେୟାର ଟେବୁଲ ପ୍ରଦାନ, ବାଙ୍କଧରା ଛକ ଠାରୁ ବାଇପାସ ପର୍ଯ୍ୟନ୍ତ ପାଣି ସିଞ୍ଚନ, ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଯାତ୍ରୀ ବିଶ୍ରାମାଗାର ଏବଂ ଟ୍ରାଫିକ ବ୍ୟବସ୍ଥା ଆଦି କରାଯିବା ପାଇଁ ଦାବି କରାଯାଇଛି। ୧୫ ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ଲିଙ୍ଗରାଜ କୋଇଲାଖଣି କାର୍ଯ୍ୟାଳୟ ବନ୍ଦ କରିବା ସହିତ ଗଣଧାରଣା ଦିଆଯିବ ବୋଲି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମ କମିଟି ସଭାପତି ବାବୁଲାଲ ଖଣ୍ଡୁଆଲ, ମୁଖ୍ୟ ପରାମର୍ଶଦାତା ବିରଜା ଶଙ୍କର ମିଶ୍ର, ସମ୍ପାଦକ ସୁଲେଖ ସେଠୀ, କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ଖଣ୍ଡୁଆଲ, ସହ ସମ୍ପାଦକ ଲକ୍ଷ୍ମଣ ମହାରଣା, କୋଅର୍ଡିନେଟର ବୀରେନ୍ଦ୍ର ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସଡ଼କ ସୁରକ୍ଷା ନିୟମ ମାନିବାକୁ ପରାମର୍ଶ



ସଚେତନତା ଶୋଭାଯାତ୍ରାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ଛେଣ୍ଡିପଦା,୯।୧ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳା ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ସହ ବିଦ୍ୟାଳୟ ପରିସରରେ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସୌଜନ୍ୟରେ କୋଶଳା ଉଚ୍ଚବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛେଣ୍ଡିପଦା ବସ୍ ମାଲିକ ସଂଘ ଆନୁକୂଲ୍ୟରେ ପରିଚାଳିତ କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ରୀଛାତ୍ରମାନେ ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥରେ ଶୋଭାଯାତ୍ରା କରି କୋଶଳା ମୁଖ୍ୟ ବଜାର ପରିକ୍ରମା କରିବା ସହ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ଗଡ଼ନାୟକ ଓ ଛେଣ୍ଡିପଦା ଥାନା ଅଧିକାରୀ ବିଭୂଦତ୍ତ ରାଉତରାୟ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅନୁଗୋଳର କନିଷ୍ଠ ଏମ୍‌ଭିଆଇ କେ. ଦିବ୍ୟଜ୍ୟୋତି ମହନ୍ତ, ଥାନା ଅଧିକାରୀ, ସ୍ଥାନୀୟ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଓ ଶିକ୍ଷକମାନେ ଯୋଗଦେଇ ସଡ଼କ ସୁରକ୍ଷା ନିୟମକୁ ମାନିବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ବସ ମାଲିକ ସଂଘ କୋଷାଧକ୍ଷ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ, ସଭାପତି ମହେଶ୍ୱର ବେହେରା, ସମ୍ପାଦକ ମନୋଜ କୁମାର ଆଚାର୍ଯ୍ୟ, ପରାମର୍ଶଦାତା ମାଧବ ଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ବେହେରା, ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା

କଣିହାଁ, ୯।୧ (ସଚ୍ଚିଦାନନ୍ଦ ପ୍ରଧାନ)/ ବଇଣ୍ଡା (ପରିକ୍ଷିତ ସାହୁ)

କଣିହାଁ ବ୍ଲକ ଝରାବେରିସ୍ଥିତ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ମଙ୍ଗଳବାର ୨ଟି ପରୀକ୍ଷା କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କଣିହାଁ ପବିତ୍ରମୋହନ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ୨୯୪ ଓ ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କଣିହାଁ ପରୀକ୍ଷା କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷକ ଦାଶରଥି ଜେନା ଦାୟିତ୍ୱ ତୁଲାଇଥିଲେ। ଆଦର୍ଶ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ଅଧକ୍ଷ ସୁମନ୍ତ ନାୟକ, ବରିଷ୍ଠ ଶିକ୍ଷକ ରାକେଶ ପାଣି ପରିଚାଳନା କରିଥିଲେ। ସେହିପରି କିଶୋରନଗର ବ୍ଲକରେ ୬୫୧ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ। ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟରେ ୨୧୧, ରଣିଆକଟା ଆଦର୍ଶ ବିଦ୍ୟାଳୟରେ ୨୨୧ ଓ କିଶୋରନଗର ହାଇସ୍କୁଲରେ ୨୧୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବଇଣ୍ଡାରେ ପ୍ରଧାନ ଶିକ୍ଷକ ପ୍ରଶ୍ନ ରାଉଳ, କିଶୋରନଗର ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ରଣିଆକଟାରେ ଅଧକ୍ଷ ଶ୍ରଦ୍ଧାଞ୍ଜଳୀ ପ୍ରାଣିଗାହୀ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହୋଇଥିଲେ। ପର୍ଯ୍ୟବେକ୍ଷକ ଏବିଇଓ ପ୍ରଭାକର ରାଉଳ, ସୁଜନ କୁମାର ସାହୁ ପରୀକ୍ଷା କେନ୍ଦ୍ର ଯାଞ୍ଚ କରିଥିଲେ।

# ୨ ଫେରାର ଅଭିଯୁକ୍ତଙ୍କ ସହ ୩ ଗିରଫ

ବଇଣ୍ଡା,୯।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ସୋମବାର ରାଣୀବନ୍ଧ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ଗୌରାଙ୍ଗ ନାୟକଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୦୬ ମସିହାରେ ମାମଲା ଥିବାବେଳେ ସେ ଫେରାର ଥିଲେ। ସେହିପରି କିଶୋରନଗର ପୋଲିସ ସୋମବାର ଚଢ଼ାଉ କରି ମଣିକପୁର ଗ୍ରାମର ସ୍ୱାଧୀନ ବେହେରାଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୧୪ ମସିହାରୁ ମାମଲା ଥିବାବେଳେ ସେ ଫେରାର ଥିଲେ। ସେହିପରି କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ଦୁଃଶାସନ ନାୟକଙ୍କୁ ତାଙ୍କ ପୁଅ ବିପିନ ନାୟକ ଏକ ଠେଙ୍ଗାରେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୧/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିପିନଙ୍କୁ ଗିରଫ କରିଛି।

# ଭାଜପାରେ ସାମିଲ ହେଲେ ବିଜେଡି, କଂଗ୍ରେସ କର୍ମୀ

ବଇଣ୍ଡା,୯।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟୁସର୍ ପଞ୍ଚାୟତ ଭଜପୁର ଗ୍ରାମରେ ଯୁବନେତା ସଂଗ୍ରାମ ମହାପାତ୍ରଙ୍କ ଉପସ୍ଥିତିରେ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ନୂତନ କର୍ମୀମାନେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣପର୍ବରେ ଟୁସର୍ ପଞ୍ଚାୟତ ପ୍ରଭାରୀ ଜୟାନନ୍ଦ ପ୍ରଧାନ, ଜିଲା ଯୁବମୋର୍ଚ୍ଚା ସଂଯୋଜକ ମହେଶ୍ୱର ଛତ୍ରିଆ, ପ୍ରମୋଦ ବାରିକ, ସୁଶାନ୍ତ ବାଘ, ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତା ନବ ଦେହୁରୀ, ଅନିତା ନାୟକ, ସୁଧାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ

ତାଳଚେର,୯।୧ (ମନୋଜ ନନ୍ଦ)

ତାଳଚେରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ତାଳଚେର ଥର୍ମାଲ ସାପ୍ତାହିକ ହାଟ, ଥର୍ମାଲ ରେଲୱେ ଷ୍ଟେଶନ ପାଖ, ସାଇ ମନ୍ଦିର, ତାଳଚେର ରେଲୱେ ଷ୍ଟେଶନ, ଡେରା, ବଲଣ୍ଡା, ମା' ହିଙ୍ଗୁଳା ମନ୍ଦିର ପରିସର ଆଦି ସ୍ଥାନରେ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କେଶବ ଚନ୍ଦ୍ର ମିଶ୍ର, ଅଭୟ ପ୍ରଧାନ, ବଳଭଦ୍ର ସାହୁ, ଉପସଭାପତି ନରେଶ ଚନ୍ଦ୍ର ସ୍ୱାଇଁ, ଜରାଶ୍ରମ ସମ୍ପାଦକ ମଧୁସୂଦନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାଲଲହଡ଼ାରେ ଗଡ଼ିଲା ଅର୍ପଣ ରଥ

ପାଲଲହଡା,୯।୧ (ଦିବ୍ୟଜ୍ୟୋତି ଦାଶ)



ପାଲଲହଡା ଉପଖଣ୍ଡରେ ସୋମବାର ଠାରୁ ଅର୍ପଣ ରଥ ପରିକ୍ରମା ଆରମ୍ଭ ହୋଇଯାଇଛି। ସୋମବାର ପବିତ୍ରପୁର, ଆଲୋରି, ବନ୍ଧାଭୂଇଁ, କରଡ଼ାପାଲ , ବଡିସୁଆଁ ଏବଂ ମୁଣ୍ଡରିବେଡା ପଞ୍ଚାୟତରୁ ଏହି ରଥ ଆରମ୍ଭ ହୋଇଥିଲା। ସେହିପରି ମଙ୍ଗଳବାର ଚଷାଗୁରୁଜାଙ୍ଗ, ଝାରବେଡା, ଡିମିରିଆ, ଖେମଳା, କୁଆଁମ ଏବଂ ପେଚାମୁଣ୍ଡି ଗ୍ରାମ ପଞ୍ଚାୟତକୁ ଏହା ପରିକ୍ରମା କରିଥିଲା। ପେଚାମୁଣ୍ଡି ପଞ୍ଚାୟତରେ ଏହି ରଥକୁ ସରପଞ୍ଚ ରମେଶ ପ୍ରଧାନଙ୍କ ନେତୃତ୍ୱରେ ପ୍ରଥମେ ଡୁଇପାଣି ଗ୍ରାମରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯାଇଥିଲା। ଏହି ରଥକୁ ନେଇ ସାଧାରଣରେ ଉତ୍ସାହ ଦେଖାଦେଇଥିବା ବେଳେ ମହିଳାମାନେ ଅରୁଆ ଚାଉଳ ଏବଂ ଗୁଆ ଅର୍ପଣ କରିଥିଲେ।

# ସାତକୋଶିଆରେ ଆଜିଠୁ ପକ୍ଷୀ ଗଣନା

ଅନୁଗୋଳ,୯।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସାତକୋଶିଆରେ ବୁଧବାରଠାରୁ ପକ୍ଷୀ ଗଣନା କରାଯିବ ବୋଲି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ମହାନଦୀର ୧୭ଟି ସେକ୍ଟରରେ ୧୭ଟି ଟିମ୍‌କୁ ଏଥିରେ ନିୟୋଜିତ କରାଯାଇଛି। ଅନୁଗୋଳ, ସାତକୋଶିଆ, ଆଠମଲ୍ଲିକ ଓ ଆଠଗଡ଼ ବନଖଣ୍ଡର କର୍ମଚାରୀଙ୍କ ସହ ଏନ୍‌ଜିଓ ଏବଂ ଓୟୁଏଟିର ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଟିକରପଡ଼ାରୁ କଟରଙ୍ଗ, କଟରଙ୍ଗରୁ ବାଲିଫୁଟ, ବାଲିଫୁଟରୁ ଚକ୍ରଗଡ଼, ଟିକରପଡ଼ାରୁ ବିନକେଇ, ହରଭଙ୍ଗାରୁ ଅଏଡ଼ା, ଲୁଣହାଣ୍ଡି, ବେଲପୁଞ୍ଜି, ମାରାଡ଼ାରୁ ଶୀତଳପାଣି ଆଦି ଅଞ୍ଚଳରେ ପକ୍ଷୀ ଗଣନା କରାଯିବ।

# ଏସିସି ଅନୁଗୋଳ ଚାମ୍ପିୟନ

କଣିହାଁ,୯।୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ କଲେଜ ସମ୍ମୁଖ ଖେଳ ପଡିଆଠାରେ ଚାଲିଥିବା କଣିହାଁ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ମର୍ନିଙ୍ଗ ଷ୍ଟାର ଅନୁଗୋଳ ଓ ଏସିସି ଅନୁଗୋଳ ମଧ୍ୟରେ ଖେଳାଯାଇଥିଲା। ମର୍ନିଙ୍ଗ ଷ୍ଟାର ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ଏସିସି ଅନୁଗୋଳ ୧୪୨ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଅତିଥି ଭାବେ କଣିହାଁ କୋଇଲା ଖଣି ଜିଏମ୍ କିଶୋର କୁମାର ରାଉଳ, ଜେଆଇଟିପିଏଲ ଅଧିକାରୀ ପ୍ରଭାତ ବିଶ୍ୱାଳ, ଏନ୍‌ଟିପିସି ପ୍ରକଳ୍ପ ଅଧିକାରୀଙ୍କ ସମେତ ସାମାଜିକ କର୍ମୀ ରଞ୍ଜନ ମିଶ୍ର, କସ୍ତୁ ଚରଣ ସାମଲ, କାଳନ୍ଦୀ ପ୍ରଧାନ, କଣିହାଁ ଗ୍ରାମ ସଭାପତି କଳାକାର ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସଭାପତି ଆଲୋକ କୁମାର ସାହୁଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ପରିଚାଳନା କରିଥିଲେ। ଜୟକୃଷ୍ଣ ରାଉତ, ବଳଭଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳ ସହିତ ଉପସ୍ଥିତ ଅତିଥି।

# ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଉଦ୍‌ଯାପିତ



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ଅନୁଗୋଳ,୯।୧ (ଅମିତ କୁମାର ସାମଲ)

ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗରେ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ପକ୍ଷରୁ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ. ଗଙ୍ଗାଧର କର, ଅଧ୍ୟାପକ ରାଜକିଶୋର ବେହେରା, ସାମାଜିକକର୍ମୀ ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଦେବାଶ୍ରି ପାଣି, ଅର୍ପିତା ସାହୁ, ବିଶ୍ୱ ରଞ୍ଜନ ମହାନ୍ତି ରାଜ୍ୟସ୍ତରରେ ହେବାକୁ ଥିବା ବକ୍ତୃତା ପ୍ରତିଯୋଗରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ପରଚାଳନା କରିଥିଲେ।

# ଅର୍ପଣ ରଥ ଶୁଭାରମ୍ଭ କଲେ ବିଧାୟକ

ବଇଣ୍ଡା,୯।୧ (ପରିକ୍ଷିତ ସାହୁ)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଗାଁ ଗାଁ ବୁଲୁଛି ଅର୍ପଣ ରଥ। ମଙ୍ଗଳବାର ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଟାପଡୋଲ ପଞ୍ଚାୟତର ବରକନିଆ ସାହିରେ ଏହି ଅର୍ପଣ ରଥକୁ ବିଧାୟକ ରମେଶ ଚନ୍ଦ୍ର ସାଏ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ବିଧାୟକ ସାଏ ନିଜେ ଢୋଲ ବଜାଇଥିବା ବେଳେ ସଂକୀର୍ତ୍ତନ ମଣ୍ଡଳୀ, ଯୁବକ, ଛାତ୍ର, ମହିଳା, ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଥିଲା। ଗ୍ରାମର ପ୍ରମୋଦ ସାହୁ, ବାମଦେବ ସାହୁଙ୍କ ସମେତ ବିଜେଡିର ବହୁ ନେତା ଯୋଗ ଦେଇଥିଲେ।


ଅର୍ପଣ ରଥର ଶୁଭାରମ୍ଭ ଅବସରରେ ବିଧାୟକ ଢୋଲ ବଜାଉଛନ୍ତି।

# ଭୁଲିଆ ସମାଜର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

ମାଧପୁର,୯।୧ (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ବେଲାଦୁଲା ଗ୍ରାମରେ ଅନୁଗୋଳ ଜିଲା ମେହେର ଭୁଲିଆ ସମାଜ ତରଫରୁ ପଞ୍ଚମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ନିଖିଳ ଓଡ଼ିଶା ମେହେର ଭୁଲିଆ ସମାଜର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁରେନ୍ଦ୍ର ମେହେର, ରାଜ୍ୟ ସଂଯୋଜକ ସୁବାସ ମେହେର, ସୋନପୁର ସଭାପତି ପ୍ରଫୁଲ୍ଲ ମେହେର ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରତାପ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କୁନି କଳାକାର ପୂଜା ମେହେର, ଅନୁପମା ମେହେର, ପୁଷ୍ପାଞ୍ଜଳି ମେହେର, ରୂପାଲି ମେହେର ଓ ଲିନା ମେହେର ସ୍ୱାଗତ ବନ୍ଦନା ଗାନ କରିଥିଲେ। ଅନୁଗୋଳ ଜିଲା ମେହେର ଭୁଲିଆ ସମାଜର ସଭାପତି ନନ୍ଦୀ କିଶୋର ମେହେର ସଭା ପରିଚାଳନା କରିଥଲେ। ସମ୍ପାଦକ ଯୁଧିଷ୍ଠିର ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ନୂତନ ଜିଲା କମିଟି ଗଠନ ହୋଇଥିଲା। ସଭାପତି ଭାବେ ନନ୍ଦିକିଶୋର୍ ମେହେର, କାର୍ଯ୍ୟକାରୀ ସଭାପତି ପ୍ରତାପ ମେହେର, ଉପସଭାପତି ଲକ୍ଷ୍ମଣ ମେହେର, ସମ୍ପାଦକ ଯୁଧିଷ୍ଠିର ମେହେର, ସହ ସମ୍ପାଦକ ଗୁଣନିଧି ମେହେର, କୋଷାଧକ୍ଷ ନରେନ୍ଦ୍ର ମେହେର, ଉପଦେଷ୍ଟା ଭାବେ ଓଁକାର ମେହେରଙ୍କୁ ମନୋନୀତ କରାଯାଇଥିଲା।

# ସୁରକ୍ଷିତ ଯାତ୍ରା ପାଇଁ ସଚେତନତା

କଣିହାଁ, ୯।୧ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ତରଫରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଜିଗୋଳ ପଞ୍ଚାୟତ ହାଇସ୍କୁଲଠାରେ କାର୍ଯ୍ୟକ୍ରମ ଶୁଭାରମ୍ଭକୁ ନେଇ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଏନ୍‌ଟିପିସି ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



# ୨ୟ ସ୍ୱୟଂଶ୍ରୀ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ତାଳଚେର, ୯।୧ (ମନୋଜ ନନ୍ଦ)

ତାଳଚେର ପୌରାଞ୍ଚଳ ରେମୁଆଁସ୍ଥିତ ସୌଭାଗ୍ୟ ମଣ୍ଡପଠାରେ ୨ୟ ସ୍ୱୟଂଶ୍ରୀ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି ନୃତ୍ୟ ମହୋତ୍ସବର ପ୍ରଥମ ଦିବସରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ନୃତ୍ୟ ମହୋତ୍ସବରେ ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାନସ ରଞ୍ଜନ ବାରିକ, ନଗରପାଳ ପବିତ୍ର ଭୁଟିଆ, ନୃତ୍ୟଗୁରୁ ପ୍ରତିଭା ପଣ୍ଡା, ଡ. ସୁଜାତା ମିଶ୍ର ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଧୀରମୋହନ ରାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ସ୍ନେହଲତା ସାମନ୍ତରାୟ, ଗୁରୁ ସିକତା ଦାସ, ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଗୁରୁ ଚପଳା ମିଶ୍ର, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ କ୍ଷୀରୋଦ ସାହୁ, କରୁଣାକର ବାଇ, ପ୍ରମିଳା ଦାସ, ସୁଜାତା ମିଶ୍ର, ଗୁରୁ ଡ. ସ୍ନେହଲତା ସାମନ୍ତରାୟ, ଗୁରୁ ସିକତା ଦାସ, ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଗୁରୁ ଚପଳା ମିଶ୍ର, ଗୁରୁ ଧନେଶ୍ୱର ସ୍ୱାଇଁ, ସାମାଜିକ କର୍ମୀ ଭରତ ଭୂଷଣ ବେହେରା, ଉର୍ଜା ଶର୍ମା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ସାଧାରଣ ସମ୍ପାଦକ ଗୁରୁ ଶଙ୍କର ବାଇ, ସୁମନ୍ତ ପ୍ରଧାନ, ଲିପିକା ଚାନ୍ଦ, ଶ୍ୱେତା ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ବ୍ୟକ୍ତିମାନେ।

# ଅଞ୍ଚଳର ବିକାଶ ଉପରେ ଆଲୋକପାତ

ଭୁବନ,୯।୧(ବିପିନ ବିହାରୀ ସେଠୀ)

ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ଅଞ୍ଚଳର ବିକାଶ ଉପରେ ଆଲୋକପାତ କରିଥିଲେ। ରଗଡ଼ି ଭେଣ୍ଡିଂ ଜୋନ୍ ଆବେଦନକାରୀଙ୍କୁ ବଣ୍ଟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାକୁ ନେଇ ଶାସକ ଦଳର କାଉନସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ୧୪ ନମ୍ବର ୱାର୍ଡର କାଉନସିଲର କଳ୍ପନା ବେହେରାଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରିବା ସହ ସମସ୍ତ ଉନ୍ନୟନ କାର୍ଯ୍ୟ ପାଇଁ କାଉନସିଲରଙ୍କୁ ଅବଗତ କରାଯିବା ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏହାକୁ ନେଇ ସମସ୍ତ କାଉନସିଲର ବୈଠକ ତ୍ୟାଗ ପାଇଁ ଧମକ ଦେଇଥିଲେ। ପରେ ଆଗାମୀ ଉନ୍ନୟନମୂଳକ କାର୍ଯ୍ୟ ଓ ନିଷ୍ପତ୍ତିକୁ ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥିର କରାଯାଇଥିଲା। ଜାତୀୟ ରାଜପଥ ୫୩ରେ ବାରମ୍ବାର ଦୁର୍ଘଟଣା, କଲେଜ ଛକରୁ ନୀଳମାଧବ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ପାଦଚଲା ରାସ୍ତା ନିର୍ମାଣ ଓ ୨ ନଂ. ୱାର୍ଡରେ ଜାତୀୟ ରାଜପଥ ନିର୍ମାଣକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଆଲୋଚନା ପାଇଁ ସ୍ଥିର କରାଯାଇଥିଲା।

# ସ୍ୱତନ୍ତ୍ର ଚିହ୍ନଟ, ପରୀକ୍ଷଣ ଶିବିର

କାମାକ୍ଷାନଗର,୯।୧(ଅମଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ସ୍ୱତନ୍ତ୍ର ଚିହ୍ନଟ ଓ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ୨୧ଟି ପଞ୍ଚାୟତରୁ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। କାଯ୍ୟକ୍ରମରେ ବିଡିଓ ଯଶୋବନ୍ତ ଦେହୁରୀ, ଅତିରିକ୍ତ ବିଡିଓ ହରେକୃଷ୍ଣ ନାୟକ ଓ ନଳିନୀ ସିଂ ପ୍ରମୁଖ ଯୋଗଦେଇ ସମୁଦାୟ ୨୭୯ ଜଣଙ୍କ ନାମ ପଞ୍ଜୀକରଣ କରିଥିଲେ। ବରିଷ୍ଠ ନାଗରିକ ୧୦୬ ଜଣ, ଭିନ୍ନକ୍ଷମ ୧୩୫ ଜଣ ଓ ଅନ୍ୟାନ୍ୟ ୩୮ ଜଣ ଉପସ୍ଥିତ ଥିଲେ। ଉପସ୍ଥିତମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ, ପରୀକ୍ଷଣ କରାଯାଇଥିଲା।

# ଆଜିଠୁ ଢେଙ୍କାନାଳ ଜିଲାରେ ପକ୍ଷୀ ଗଣନା

■ ୮ ରେଞ୍ଜରେ ୪୨ ୟୁନିଟ୍‌ରେ ହେବ ଗଣନା

■ ୧୩ ଛାତ୍ର ସ୍ୱେଚ୍ଛାସେବୀ ନିୟୋଜିତ



ଢେଙ୍କାନାଳ ଭାଗୀରଥି ସାଗର ନୂଆ ପୋଖରୀରେ ଅତିଥି ପକ୍ଷୀ (ଫାଇଲ ଫଟୋ)

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଜିଲାରେ ବୁଧବାରଠାରୁ ବନବିଭାଗ ପକ୍ଷରୁ ସମସ୍ତ ୮ଟି ରେଞ୍ଜରେ ପକ୍ଷୀ ଗଣନା ହେବ। ଏଥିପାଇଁ ମଙ୍ଗଳବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କେବଳ ଗୋଟିଏ ଦିନ ପାଇଁ ଜିଲାରେ ଏହି ପକ୍ଷୀ ଗଣନା ହେବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ସମସ୍ତ ୮ଟି ରେଞ୍ଜରେ ପକ୍ଷୀ ଗଣନା ପାଇଁ ୪୨ଟି ୟୁନିଟ୍ କରାଯାଇଛି। ସମସ୍ତ ରେଞ୍ଜ୍ କର୍ମଚାରୀଙ୍କ ସହ ୧୩ ଛାତ୍ର ସ୍ୱେଚ୍ଛାସେବୀ ଏଥିରେ ନିୟୋଜିତ ହେବେ। ସେହିପରି ବାଇନାକୁଲର, କ୍ୟାମେରା ଆଦି ମଧ୍ୟ ବ୍ୟବହାର ହେବ। ପକ୍ଷୀ ଗଣନାରେ ନିୟୋଜିତ ସମସ୍ତ ବନ କର୍ମଚାରୀ, ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କୁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ବିଶେଷଜ୍ଞଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି। ଜିଲାର ପ୍ରମୁଖ ଜଳଭଣ୍ଡାର ମଧ୍ୟରେ ହିନ୍ଦୋଳ ବ୍ଲକର ରାସୋଳ ନିକଟସ୍ଥ ସାପୁଆ, କଙ୍କଡାହାଡ ବ୍ଲକ ଦଣ୍ଡାଧର, ପରଜଙ୍ଗ ବ୍ଲକ ଦଦରାଘାଟି, କାମାକ୍ଷାନଗର ଉପଖଣ୍ଡର ବ୍ରାହ୍ମଣୀ ନଦୀକୂଳ ରାଙ୍ଗିଆ ଏବଂ ରାମିଆଳ ନଦୀ ତଟ ଅଞ୍ଚଳ ସମେତ ବିଭିନ୍ନ ଜଳ ଭଣ୍ଡାରରେ ମଧ୍ୟ ଏହି ପକ୍ଷୀ ଗଣନା ହେବ। ୧୧ ତାରିଖ ସୁଦ୍ଧା ସମସ୍ତ ରେଞ୍ଜ୍ ଅଧିକାରୀମାନେ ନିଜ ନିଜ ରେଞ୍ଜ୍‌ରେ ଶେଷ ହୋଇଥିବା ପକ୍ଷୀ ଗଣନା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବେ। ରିପୋର୍ଟକୁ ଯାଞ୍ଚ କରିବା ପରେ ଏହାକୁ ରାଜ୍ୟ ବନବିଭାଗ ନିକଟକୁ ପଠାଯିବ। ସେଠାରେ ସମସ୍ତ ତାଲିକା ବୃତାନ୍ତ ହୋଇ ଆସିବା ପରେ ପକ୍ଷୀ ସଂଖ୍ୟା ସମ୍ପର୍କରେ ସୂଚନା ମିଳିବ ବୋଲି ସହକାରୀ ବନ ସଂରକ୍ଷକ ଶ୍ୟାମା ଭାରତୀ ସୂଚନା ଦେଇଛନ୍ତି। ଜିଲାରେ ଦେଶ ବିଦେଶରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଅକ୍ଟୋବର ମାସରୁ ଜାନୁଆରୀ ମଧ୍ୟରେ ଆସୁଥିବା ନଜିର ରହିଛି। ଢେଙ୍କାନାଳ ସହର ପ୍ରାଚୀନ ତଥା ଐତିହ୍ୟ ସମ୍ପନ୍ନ ପୋଖରୀ ଭାଗୀରଥି ସାଗର ନୂଆପୋଖରୀରେ ମଧ୍ୟ ଡିସେମ୍ବର ଓ ଜାନୁଆରୀ ମଧ୍ୟରେ ଦେଶ ବିଦେଶରୁ ପକ୍ଷୀ ପ୍ରତିବର୍ଷ ଆସୁଥିବା ଦେଖାଯାଇଛି। ସେହିପରି ପକ୍ଷୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ବନବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡାକଡି କରାଯାଇଛି।

# ମଧ୍ୟାହ୍ନଭୋଜନର ମାନ ଯାଞ୍ଚ



ମାଳପୁରା ଅଞ୍ଜନା ଦେବୀ ଖାଉଟି ଯୋଗାଣ କେନ୍ଦ୍ର ପରିଦର୍ଶନ କରୁଛନ୍ତି ଖାଦ୍ୟ ଆୟୋଗ ସଦସ୍ୟ।

କାମାକ୍ଷାନଗର,୯।୧
(ସୁଧୀର କୁମାର ପରିଡ଼ା)

ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା। କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଦୋଳମଣ୍ଡପ ସାହି ଅଙ୍ଗନୱାଡି କେନ୍ଦ୍ର, ମହିମାନଗର ଅଙ୍ଗନୱାଡି କେନ୍ଦ୍ର ଓ ଦୋଳମଣ୍ଡପ ସାହି ଉପ୍ରା ବିଦ୍ୟାଳୟ, ମହୁଲପାଳ (ଖ), ମହୁଲପାଳ(କ) ଅଙ୍ଗନୱାଡି କେନ୍ଦ୍ର, ମହୁଲପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆଦିବାସୀ ସେବାଶ୍ରମ ଆଲୁଅଝରଣ, ମାଳପୁରା ଅଞ୍ଜନା ଦେବୀ ଖାଉଟି ଯୋଗାଣ କେନ୍ଦ୍ର, ପଲିକାଟେଣୀ ଆଦିବାସୀ ସେବାଶ୍ରମ, ଜନ୍ତାରିବୋଲ ସେବାଶ୍ରମ ସ୍କୁଲ ଏବଂ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସ, ପଞ୍ଚାୟତିରାଜ କାନପୁରା ହାଇସ୍କୁଲ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ଏହି ପରିଦର୍ଶନ ବେଳେ ଆୟୋଗ ସଦସ୍ୟ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରର ପରିବେଶ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ଉପଖଣ୍ଡ ଯୋଗାଣ ଅଧିକାରୀ ତାରିଣୀ ଶଙ୍କର ମିଶ୍ର, କାମାକ୍ଷାନଗର ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମିତାଶ୍ରୀ ଜେନା ଉପସ୍ଥିତ ଥିଲେ।

# ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଆମ୍ବୁଲାନ୍ସ ପ୍ରଦାନ




ଢେଙ୍କାନାଳ,୯।୧(ରତନ ନାୟାର)

ଟାଟାଷ୍ଟିଲର ସିଏସ୍ଆର୍ ଶାଖା ଟାଟାଷ୍ଟିଲ ଫାଉଣ୍ଡେଶନ (ଟିଏସ୍ଏଫ୍) ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅଧୀନରେ ମଙ୍ଗଳବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ଓଡ଼ିଶା ରକ୍ତଭଣ୍ଡାର ଢେଙ୍କାନାଳକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଛି। ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୃଢ଼ କରିବା ପାଇଁ ଟିଏସ୍ଏଫ୍‌ର ଜନସ୍ୱାସ୍ଥ୍ୟ ବିଭାଗ ଏହି ଆମ୍ବୁଲାନ୍ସ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ମନୋରଞ୍ଜନ ମଲ୍ଲିକ ପତାକା ଦେଖାଇ ଆମ୍ବୁଲାନ୍ସକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ବ୍ଲକ କେନ୍ଦ୍ର ଅଧିକାରୀ ଡା. ସ୍ୱରୂପ ରଞ୍ଜନ ସାହୁ, ଟାଟାଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସେବା ମୁଖ୍ୟ ମୋହିତ ଦାସ ଓ କର୍ପୋରେଟ ରିଲେଶନ୍ସ ଆଣ୍ଡ୍ ରେଗୁଲେଟୋରି କମ୍ପ୍ଲାଆନ୍ସ ନୃସିଂହ ଚରଣ ମହାପାତ୍ର ଓ ଅନ୍ୟ ପ୍ରମୁଖ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଢେଙ୍କାନାଳସ୍ଥିତ ଓଡ଼ିଶା ବ୍ଲଡ ବ୍ୟାଙ୍କକୁ ରକ୍ତ ସଂଗ୍ରହ ଓ ପରିବହନ କ୍ଷମତା ବୃଦ୍ଧିରେ ସହାୟତା ହେବ। ଦୁର୍ଗମ ଅଞ୍ଚଳରେ ରକ୍ତଦାନ ଶିବିର ନିରନ୍ତର ଓ ଭରସା ଯୋଗ୍ୟ ରକ୍ତ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି।

# କରଣ ଓ ଶ୍ରୀକରଣ ସମାଜର ମିଶ୍ରଣ

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ କରଣ ସମାଜ ଏବଂ ଶ୍ରୀକରଣ ସମାଜର ଏକ ବୈଠକ ସ୍ଥାନୀୟ ଗୋପୀନାଥ ଗାର୍ଡେନ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଭୟ ପକ୍ଷ କର୍ମକର୍ତ୍ତାଙ୍କ ଉପସ୍ଥିତି ଏବଂ ସହମତିରେ ପୂର୍ବ ସିଦ୍ଧାନ୍ତ ଅନୁଯାୟୀ ନିଃସର୍ତ୍ତ ଆନୁଷ୍ଠାନିକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଆଗାମୀ ଏକମାସ ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇ ସାଧାରଣ ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବସନ୍ତ କୁମାର ପଟ୍ଟନାୟକ, ଯୋଗୀନାଥ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ, ଉଦୟନାଥ ମହାନ୍ତି, ଅଜୟ ଚରଣ ପଟ୍ଟନାୟକ, ଦୀପ୍ତିମୟ ପଟ୍ଟନାୟକ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ସଂକଟ ଭଞ୍ଜନ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ, ଦୀପକ ପ୍ରସାଦ ପଟ୍ଟନାୟକ, ଅବିନାଶ ପଟ୍ଟନାୟକ ଓ କଳିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକମୁକ୍ତ ପିକ୍‌ନିକ୍ ସମ୍ପର୍କରେ ସଚେତନତା




ଅନୁଗୋଳ,୯।୧(ଅମିତ କୁମାର ସାମଲ)

ଅନୁଗୋଳ ସହର ଉପକଣ୍ଠ ପର୍ଯ୍ୟଟନସ୍ଥଳୀ ଡେରଜାଙ୍ଗ ଡ୍ୟାମ୍‌କୁ ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ଅନୁଗୋଳ ବନାଞ୍ଚଳ ଓ ସାମାଜିକ ଅନୁଷ୍ଠାନ ସାଥୀ ପରିବାରର ମିଳିତ ଉଦ୍ୟମରେ ପ୍ଲାଷ୍ଟିକମୁକ୍ତ ପିକ୍‌ନିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ବନପାଳ ଗତିକୃଷ୍ଣ ବେହେରା, କୁଷଧ୍ୱଜ ନାୟକ, ଦୀନବନ୍ଧୁ ନାୟକଙ୍କ ସମେତ ସାଥୀ ପରିବାରର ସଦସ୍ୟ, ଅନୁଗୋଳ ବନାଞ୍ଚଳର ବନରକ୍ଷୀ ଏବଂ ସ୍ଥାନୀୟ ଅଞ୍ଚଳର ଯୁବପରିବେଶକର୍ମୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ଲାଷ୍ଟିକମୁକ୍ତ ପିକ୍‌ନିକ୍ ପ୍ରସଙ୍ଗରେ ପାରସ୍ପରିକ ଆଲୋଚନା କରିଥିଲେ। ଅନୁଷ୍ଠାନ ସଦସ୍ୟ ସମ୍ବିତ କୁମାର ସାହୁ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶପଥ ପାଠ କରାଇଥିଲେ। ପରେ ପିକ୍‌ନିକ୍‌ରେ ଆସିଥିବା ପ୍ରାୟ ୩୦୦ରୁ ୩୫୦ ଲୋକଙ୍କୁ ସଚେତନ କରାଯାଇଥିଲା। ଆଦିତ୍ୟ ବେହେରା, ଶୁଭେନ୍ଦୁ ସାହୁ, ଦିଲୀପ କୁମାର ସାହୁ, ସୁବ୍ରତ କୁମାର ପ୍ରଧାନ, ପିଣ୍ଟୁ ବେହେରା, ସୁବ୍ରତ କୁମାର ସାହୁ ଏବଂ ସିପୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବ୍ରାଉନସୁଗାର ଜବତ, ଜଣେ ଗିରଫ



ଢେଙ୍କାନାଳ ,୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ୫୫ନଂ ଜାତୀୟ ରାଜପଥର ହରିପୁର ଅଞ୍ଚଳରୁ ମଙ୍ଗଳବାର ସକାଳେ ଅବକାରୀ ବିଭାଗ ମୋବାଇଲ ସ୍କ୍ୱାର୍ଡ ଦ୍ୱାରା ୧୦ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଘଟଣାସ୍ଥଳରୁ ପିଣ୍ଟୁ ଦାସ(୨୯)ଙ୍କୁ ଅବକାରୀ ବିଭାଗ ମୋବାଇଲ ସ୍କ୍ୱାର୍ଡ ଗିରଫ କରିଛି। ପିଣ୍ଟୁ ବ୍ରାଉନ ସୁଗାର ବ୍ୟବସାୟ ପାଇଁ ଜାତୀୟ ରାଜପଥରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ତାଙ୍କୁ ମାଡି ବସିଥିଲା। ପିଣ୍ଟୁଙ୍କ ଘର ଢେଙ୍କାନାଳ ସହର ଶ୍ୟାମାଚରଣପୁର ଅଞ୍ଚଳରେ ବୋଲି ଅବକାରୀ ବିଭାଗ ନିରୀକ୍ଷକ ସତିକା ବେଶନ ସୂଚନା ଦେଇଛନ୍ତି। ବ୍ରାଉନ ସୁଗାର କେଉଁଠୁ ଆସୁଛି ସେ ସମ୍ପର୍କରେ ପିଣ୍ଟୁଙ୍କୁ ପଚରାଉଚରା କରାଯାଉଥିବା ବେଳେ କଥାରେ ତାଳମେଳ ରହୁ ନ ଥିବା ଯୋଗୁ ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ୭ ଘଣ୍ଟା ପୂର୍ତ୍ତ ରାସ୍ତା ଅବରୋଧ

କାମାକ୍ଷାନଗର,୯।୧(ସୁଧୀର କୁମାର ପରିଡ଼ା)

ପାନୀୟ ଜଳ ସମସ୍ୟାକୁ ନେଇ ମଙ୍ଗଳବାର ରାସ୍ତା ଅବରୋଧ କରିଛନ୍ତି ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତ ବଡ଼ସାହିର ଶତାଧିକ ମହିଳା। ସାହିରେ ପାଣି ସମସ୍ୟାକୁ ନେଇ ସକାଳୁ ମହିଳାମାନେ ବଡ଼ସାହି ଛକ ଠାରେ ଗଡ଼ପଳାଶୁଣି – ତେଲକୁଇ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ।

ମହିଳାମାନଙ୍କ କହିବା ଅନୁଯାୟୀ, ସାହିରେ ୨ଶହ ଲୋକ ବସବାସ କରୁଛନ୍ତି। କିନ୍ତୁ ଏଠାରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣର କୌଣସି ବ୍ୟବସ୍ଥା ନାହିଁ। ଗ୍ରାମରେ ଥିବା ନଳକୂଅ ଉପରେ ସେମାନେ ନିର୍ଭରଶୀଳ। କିନ୍ତୁ ଏହା ଅଚଳ ହେଲେ ଗ୍ରାମବାସୀଙ୍କୁ ପାଣି ପାଇଁ ଡହଳବିକଳ ହେବାକୁ ପଡୁଛି। ଏ ନେଇ ସେମାନେ ବ୍ଲକ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ବାଧ୍ୟ ହୋଇ ସେମାନେ ରାସ୍ତା ଅବରୋଧ କରିଛନ୍ତି। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଖବରପାଇ କଙ୍କଡ଼ାହାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ଦାସ, ମହାବିରୋଡ଼ ଥାନା ଏସ୍ଆଇ ଶେଷଦେବ ଲେଙ୍କା, ଧରଣୀଧର ନାଥ ପହଞ୍ଚି ବୁଝାଶୁଝା କରିଥିଲେ। ଏହାପରେ ଅପରାହ୍ନ ୧ଟା ବେଳେ ରାସ୍ତାରୋକୋ ହଟିଥିଲା। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେହୁରୀ କହିଛନ୍ତି, ଗ୍ରାମରେ ୨ଟି ନଳକୂପ ତୁରନ୍ତ ଖୋଳାଯିବ ଓ ଅନ୍ୟାନ୍ୟ ଗ୍ରାମର ସମସ୍ୟା ନେଇ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗ୍ରାମବାସୀଙ୍କ ସହିତ ଆଲୋଚନା ହେବ। ମେଗା ପ୍ରକଳ୍ପର ପାଇପ ଲାଇନ କାମ କରାଯିବ। କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ କହିଛନ୍ତି. ଲୋକଙ୍କ ସମସ୍ୟା ସମାଧାନ କାରାଯିବ। ଗାଁ ଲୋକମାନେ କିଭଳି ପାଣି ପାଇପାରିବେ ସେ ବ୍ୟବସ୍ଥା କରାଯିବ।



# ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଅନୁଗୋଳ,୯।୧(ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଙ୍ଗାଧର କରଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସେମାନେ ପ୍ରତ୍ୟେକ ଶ୍ରେଣୀଗୃହକୁ ଯାଇ ଛାତ୍ରୀଛାତ୍ରଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଶୋଭାଯାତ୍ରା କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ବିଷୟରେ ମନେ ପକାଇଦେଇଥିଲେ। ସିଟବେଲ୍ଟ ବାନ୍ଧିବା, ହେଲମେଟ ପିନ୍ଧିବା, ନିୟନ୍ତ୍ରିତ ବେଗରେ ଗାଡି ଚଳାଇବା, ଶିଶୁ, ବୃଦ୍ଧ, ଅସୁସ୍ଥ ପଥଚାରୀଙ୍କୁ ସଡ଼କ ଅତିକ୍ରମ କରିବାରେ ପ୍ରାଥମିକତା ଦେବା ପାଇଁ ନିବେଦନ କରିଥିଲେ। ଏନ୍ଏସ୍ଏସ୍ ଅଧ୍ୟାପକ ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଧ୍ୟାପିକା ରୀନା ମାରାଣ୍ଡି, କର୍ମଚାରୀ ଅର୍ଦ୍ଧେନ୍ଦୁ ଶେଖର ମଲ୍ଲିକ, ସ୍ୱେଚ୍ଛାସେବୀ ହରିଶଙ୍କର ଦାସ, ସୌମ୍ୟରଞ୍ଜନ ସିଂ, ସ୍ୱର୍ଣ୍ଣମୟୀ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ୮ମ ସାମ୍ବତ୍ସରିକ ମହୋତ୍ସବ ଉଦ୍‌ଯାପିତ



ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ସାଗର ସାହିତ୍ୟ ସଂସଦର ୮ମ ସାମ୍ବତ୍ସରିକ ମହୋତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଲଳିତା ସାହୁ, ମୁଖ୍ୟବକ୍ତା ଭାବେ ଡ. ପ୍ରମୋଦ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ଛନ୍ଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣା, ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ପୃଷ୍ଟି, ଶିଳ୍ପୀ ପରେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପରିବର୍ତ୍ତନଶୀଳ ସମାଜର ସାକ୍ଷୀ ସାହିତ୍ୟ ଶୀର୍ଷକ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ସଂସଦ ସଭାପତି ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାର ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ତ୍ରିଲୋଚନ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ସଂସଦ ପକ୍ଷରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ଭାଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀ ତୁଳସୀ ସାହୁ ଓ ପ୍ରୀତି ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ମୋ ଗାଁ ମୋ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। କବୟିତ୍ରୀ ଶ୍ରଦ୍ଧାଞ୍ଜଳି ନାୟକଙ୍କୁ ବିବେକାନନ୍ଦ ସ୍ମୃତି ସମ୍ମାନ, କବି ଡମ୍ବରୁଧର ପ୍ରଧାନଙ୍କୁ ହେମନ୍ତ ରଥ ସ୍ମୃତି ସମ୍ମାନ, ଡା. ବିବେକାନନ୍ଦ ତ୍ରିପାଠୀଙ୍କୁ ବେଣୁଧର ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ପରିଚାଳନା କରିଥିଲେ। ସଂସଦର ପତ୍ରିକା ସମ୍ପାଦକ କାବ୍ୟ ଭୂଷଣ କାଳୀଚରଣ ତ୍ରିପାଠୀ ନିଜସ୍ୱ ରଚିତ ପୁସ୍ତକ ଇନ୍ଦୁପ୍ରଭା ପାଠାଗାରକୁ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଯାଇଥିଲା। କବି ମଧୁସୂଦନ ଶତପଥୀ ଓ ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରାଙ୍କ ସଂଯୋଜନାରେ ମଧୁକ୍ଷରା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉପସଭାପତି ହେମନ୍ତ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# କଳା, ସଂସ୍କୃତି ବଜାୟ ରହିଲେ ବିକାଶ ସନ୍ତୁଳିତ ହେବ

ଢେଙ୍କାନାଳ,୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦର ପୁରୁଣା ହଲ୍‌ଠାରେ ମଙ୍ଗଳବାର ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପଲକ୍ଷେ ଲୋକକଳାର ପ୍ରୟୋଗ ସମ୍ପର୍କିତ ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଉଦ୍‌ଘାଟନ କରି ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଲେ, ଲୋକକଳା ମାଧ୍ୟମରେ ହିଁ ସରକାରଙ୍କ ଲୋକାଭିମୁଖୀ ଯୋଜନାର ପ୍ରକୃତି ଉଦ୍ଦେଶ୍ୟ ସାଧିତ ହୋଇପାରିବ। କଳା, ସଂସ୍କୃତି ବଜାୟ ରହିଲେ ସମାଜରେ ସାମଗ୍ରିକ ବିକାଶର ସନ୍ତୁଳନ ରହିବ। କଳାକାରମାନେ ଏକ ସୁସ୍ଥ ସମାଜ ଗଠନରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ଜିଲାପାଳ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ କଳାକାରମାନେ ସ୍ରଷ୍ଟା ବୋଲି କହିବା ସହିତ ସେମାନଙ୍କ ଦ୍ୱାରା ହିଁ କାର୍ଯ୍ୟକ୍ରମର ସଫଳ ପ୍ରଚାର ଓ ରୂପାୟନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମଧୁବାବୁ ପେନସନ, ମମତା ଓ ହରିଶ୍ଚନ୍ଦ୍ର ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡ଼ିଶା ନବୀନ ଓଡ଼ିଶା, ୫-ଟି ହାଇସ୍କୁଲ ରୂପାନ୍ତରୀକରଣ, ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ଆମ ବ୍ୟାଙ୍କ, ଐତିହ୍ୟସ୍ଥଳୀ ବିକାଶ ଓ ଲକ୍ଷ୍ମୀ ବସ୍ ସେବା ଆଦି ସମସ୍ତ ଯୋଜନା ଲୋକାଭିମୁଖୀ କରିବା ପାଇଁ କର୍ମଶାଳାରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ବ୍ଲକ ଓ ଜିଲା କଳା ସଂସ୍କୃତି ସଂଘର ଉପସଭାପତିଙ୍କ ସମେତ ସୂଚନା, ଶିକ୍ଷା ଓ ଯୋଗାଯୋଗର ରାଜ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ସାମନ୍ତରାୟ ଯୋଗ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ ସଭ୍ୟାସଭ୍ୟଙ୍କୁ ସରକାରଙ୍କ ପ୍ରମୁଖ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରିତା, ଉପାଦେୟତା ଓ ପ୍ରଶିକ୍ଷଣ ସମ୍ପର୍କରେ ତାଲିମ ଦେଇଥିଲେ।



ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

